# NATIONAL NEWS BULLETIN (ODIA)

## 24 April - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ପହଲଗାଓଁ ଆକ୍ରମଣର ଆକ୍ରମଣକାରୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ପୃଥିବୀର ଶେଷସ୍ଥାନ ପର୍ଯ୍ୟନ୍ତ ଚିହ୍ନଟ କରି ଦଣ୍ଡିତ କରାଯିବ ବୋଲି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ।
- ସନ୍ତ୍ରାସବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ନୂଆଦିଲ୍ଲୀରେ ବର୍ତ୍ତମାନ ଜାରି ରହିଛି ସର୍ବଦଳୀୟ ବୈଠକ ।
- ୨୦୩୦ ସୁଦ୍ଧା ଦେଶରେ ଇସ୍ପାତ ଉତ୍ପାଦନ ୩୦୦ ମିଲିୟନ ଟନ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି - କହିଲେ ପ୍ରଧାନମନ୍ତ୍ରୀ ।
- ପୋପ୍ ଫ୍ରାନ୍ସିସ୍‌ଙ୍କର ଆସନ୍ତା ୨୬ ତାରିଖ ଦିନ ସମ୍ପନ୍ନ ହେବାକୁଥିବା ଶେଷକୃତ୍ୟ ଲାଗି ଦେଶବ୍ୟାପୀ ପାଳନ କରାଯିବ ରାଷ୍ଟ୍ରୀୟ ଶୋକ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଲା ରାଜସ୍ଥାନ ରୟାଲ୍ସ ।

# ପିଏମ୍‌-ବିହାର

ଦେଶର ୧୪୦ କୋଟି ଲୋକଙ୍କ ଇଚ୍ଛାଶକ୍ତି ଦ୍ୱାରା ସନ୍ତ୍ରାସବାଦକୁ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତ ୨୨ ତାରିଖ ଦିନ ପହଲଗାଓଁରେ ହୋଇଥିବା ସନ୍ତ୍ରାସବାଦ ଆକ୍ରମଣ କେବଳ ପର୍ଯ୍ୟଟକଙ୍କ ଉପରେ ହୋଇନାହିଁ ବରଂ ସେମାନେ ଦେଶର ଆତ୍ମା ଉପରେ ଆକ୍ରମଣ କରିବାର ଦୁଃସାହସ କରିଛନ୍ତି । ଏହି ଆକ୍ରମଣରେ ସଂପୃକ୍ତ ଦୋଷୀଙ୍କ ସମେତ ଏହାର ଷଡ଼ଯନ୍ତ୍ରକାରୀଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଏଭଳି ଜବାବ ଦିଆଯିବ ଯାହାକି ସେମାନେ କଳ୍ପନା କରିନଥିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବିହାରର ମଧୁବନୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଯୋଗଦେଇ ଜନସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ ଏହା କହିଛନ୍ତି । ପ୍ରତ୍ୟେକ ସନ୍ତ୍ରାସବାଦୀ ଏବଂ ସେମାନଙ୍କର ଷଡ଼ଯନ୍ତ୍ରକାରୀଙ୍କୁ ଭାରତ ଚିହ୍ନଟ କରି ଦଣ୍ଡିତ କରିବ । ପୃଥିବୀର ଶେଷ ସ୍ଥାନ ପର୍ଯ୍ୟନ୍ତ ସେମାନଙ୍କୁ ଖୋଜି ବାହାର କରିବା ଦିଗରେ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM-MODI-ON-TERRORISM)**

ପ୍ରଧାନମନ୍ତ୍ରୀ ଆଜି ବିହାର ଗସ୍ତ ଅବସରରେ ୧୩ ହଜାର ୪୮୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏଥିରେ ଶ୍ରୀ ମୋଦୀ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପଞ୍ଚାୟତଗୁଡ଼ିକୁ ପୁରସ୍କାର ପ୍ରଦାନ କରିଛନ୍ତି ।

ଏହି ଅବସରରେ ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ପ୍ରଧାନମନ୍ତ୍ରୀ ଓଡ଼ିଶା, ବିହାର, କେରଳ, ତେଲଙ୍ଗାନା ଓ ଆସାମ ସରକାରଙ୍କ ପ୍ରତିନିଧିମାନଙ୍କୁ ପୁରସ୍କୃତ କରିଛନ୍ତି ।

ବିହାର ଗସ୍ତ ସମୟରେ ଶ୍ରୀ ମୋଦୀ ୮୭୦ କୋଟି ଟଙ୍କାର ରେଳ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଚାରୋଟି ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

## ପହଲଗାମ୍-ଅଲ୍‌ପାର୍ଟି ମିଟିଂ

ପହଲଗାମ ସନ୍ତ୍ରାସବାଦୀ ଆକ୍ରମଣ ଘଟଣାରେ ଆଜି ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ସଂଧ୍ୟା ୬ଟାରୁ ଆରମ୍ଭ ହୋଇଛି । ସଂସଦ ଭବନ ପରିସରରେ ଚାଲିଥିବା ଏହି ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍

ଜୟଶଙ୍କର, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଡିଏମ୍‌କେର ତିରୁଚି ଶିବା, ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ, ଏନ୍‌ସିପି-ଏସ୍‌ପିର ସୁପ୍ରିୟା ସୁଲେ, ଆମ୍‌ଆଦ୍‌ମୀ ପାର୍ଟିର ସଞ୍ଜୟ ସିଂହ ପ୍ରମୁଖ ଯୋଗ ଦେଇଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ ଏହି ବୈଠକରେ  ବିଭିନ୍ନ ରାଜନୈତିକ ଦଳର ନେତାଙ୍କୁ ଏହି ଆକ୍ରମଣ ସଂପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିବେ । ଏହି ଘଟଣା ପରେ ପାକିସ୍ତାନ ବିରୋଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ମଧ୍ୟ ସେ ଅବଗତ କରାଇବେ । ବୈଠକ ପ୍ରାରମ୍ଭରେ ଗତ ୨୨ତାରିଖ ଦିନ ହୋଇଥିବା ସନ୍ତ୍ରାସବାଦ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସ୍ୱରୂପ ନୀରବ ପ୍ରାର୍ଥନା କରାଯାଇଥିଲା ।

## ପ୍ରେଜ୍-ଅମିତ୍‌ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ସାକ୍ଷାତ୍ ଆଲୋଚନା କରିଛନ୍ତି । ପହଲଗାଓଁ ସନ୍ତ୍ରାସବାଦ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତ ପକ୍ଷରୁ ନିଆଯାଇଥିବା ଦୃଢ଼ କୂଟନୈତିକ

ପଦକ୍ଷେପ ପରିପ୍ରେକ୍ଷିରେ ଏହି ସାକ୍ଷାତ୍ ଆଲୋଚନା ଅନେକ ଗୁରୁତ୍ୱ ବହନ କରେ ।

ଇତିମଧ୍ୟରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆଜି ଦିଲ୍ଲୀର ସାଉଥ୍‌ବ୍ଲକଠାରେ କେତେକ ନିର୍ଦ୍ଦିଷ୍ଟ ରାଷ୍ଟ୍ରର ରାଷ୍ଟ୍ରଦୂତ ମାନଙ୍କୁ ପହଲଗାଓଁ ସନ୍ତ୍ରାସବାଦ ଆକ୍ରମଣ ସମ୍ପର୍କରେ ଅବଗତ କରାଯାଇଛି । ଜର୍ମାନୀ, ଜାପାନ, ପୋଲାଣ୍ଡ, ବ୍ରିଟେନ୍ ଏବଂ ରୁଷ୍‌ର ରାଷ୍ଟ୍ରଦୂତମାନଙ୍କୁ ଭାରତ ପକ୍ଷରୁ ଏ ସମ୍ପର୍କରେ ଆଜି ଅବଗତ କରାଯାଇଥିବା ଜଣାଯାଇଛି ।

## ଜେକେ-ପହଲଗାଓଁ

ପହଲଗାଓଁ ସନ୍ତ୍ରାସବାଦ ଆକ୍ରମଣରେ ସଂପୃକ୍ତ ୩ଜଣ ଲସ୍କର-ଇ-ତୋଇବା ସନ୍ତ୍ରାସବାଦୀଙ୍କ ସମ୍ପର୍କରେ ସୂଚନା ଦେବା ଲାଗି ଜାମ୍ମୁକାଶ୍ମୀର ପୋଲିସ ପକ୍ଷରୁ ପ୍ରତ୍ୟେକଙ୍କ ପାଇଁ ୨୦ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ଘୋଷଣା କରାଯାଇଛି । ସୂଚନାକାରୀଙ୍କରନାମ ସଂପୂର୍ଣ୍ଣ ଗୋପନ ରଖାଯିବ ବୋଲି ପୁଲିସ କହିଛି । ଆକ୍ରମଣକାରୀଙ୍କ ମଧ୍ୟରୁ ହସିମ୍ ମୂଷା ଓରଫ ସୁଲାଇମାନ ଏବଂ ଆଲିଭାଇ ଓରଫ ତୁହ୍ଲାଭାଇ ପାକିସ୍ତାନର ନାଗରିକ ହୋଇଥିବାବେଳ ତୃତୀୟ ଜଣକ ଆଦିଲ ହୋସେନ

ଥୋକା ଦକ୍ଷିଣ କାଶ୍ମୀରରର ଅନନ୍ତନାଗ ଜିଲ୍ଲାର ବୋଲି ରାଜ୍ୟ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଇତିମଧ୍ୟରେ ରାଜ୍ୟ ପୁଲିସ ଓ ଗୁଇନ୍ଦା ବିଭାଗ ପକ୍ଷରୁ ଏହି ୩ଜଣଙ୍କ ସନ୍ଦିଗ୍ଧ ଆକ୍ରମଣକାରୀଙ୍କ ସ୍କେଚ୍ ଜାରି କରାଯାଇ ସାରିଛି । ସେହିଭଳି ଜାତୀୟ ତଦନ୍ତକାରୀ ସଂସ୍ଥାର ଏକ ସ୍ୱତନ୍ତ୍ର ଟିମ୍‌କୁ ପହଲଗାଓଁ ସନ୍ତ୍ରାସବାଦ ଆକ୍ରମଣର ତଦନ୍ତଭାର ନ୍ୟସ୍ତ କରାଯାଇଛି ।

# ଅରୁଣାଚଳ-ମୋର୍ଟାଲ ରିମେନ୍ସ

ପହଲଗାଓଁଠାରେ ଗତ ୨୨ ତାରିଖ ଦିନ ସନ୍ତ୍ରାସବାଦ ଆକ୍ରମଣରେ ଅରୁଣାଚଳ ପ୍ରଦେଶଣ ଟି ହେଲିୟାଙ୍ଗଙ୍କର ପ୍ରାଣହାନି ହୋଇଥିଲା । ଆଜି ତାଙ୍କ ଜନ୍ମସ୍ଥାନ ତଥା ରାଜ୍ୟର ଲୋୟର ସୁବାନସିରି ଜିଲ୍ଲା ଅନ୍ତର୍ଗତ ଜିରୋ ସହରକୁ ପାର୍ଥୀବ ଶରୀର ଅଣାଯାଇଛି । ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି ଦୁଃଖଦ ସମୟରେ ଅରୁଣାଚଳ ପ୍ରଦେଶ ଜନସାଧାରଣ ଦୃଢ଼ଭାବେ ହେଲିୟାଙ୍ଗଙ୍କର ପରିବାର ସହିତ ଛିଡ଼ା ହୋଇଛନ୍ତି । ଏହାଛଡା ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ସରକାରୀ

ଚାକିରୀ ଯୋଗାଇଦେବା ସହିତ ତାଙ୍କ ପରିବାରବର୍ଗ ଲାଗି ୫୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଆସନ୍ତାକାଲି ସମ୍ପୂର୍ଣ୍ଣ ସାମରିକ ମର୍ଯ୍ୟାଦା ସହ ହେଲିୟାଙ୍ଗଙ୍କର ଅନ୍ତିମ ସଂସ୍କାର କରାଯିବ ।

## ଇଣ୍ଡିଆ-ପାକ୍ ଭିସା

ପହଲଗାଓଁ ସନ୍ତ୍ରାସବାଦ ଆକ୍ରମଣ ପରେ ପାକିସ୍ତାନୀ ନାଗରିକଙ୍କର ଭିସା ସେବାକୁ ଭାରତ ରଦ୍ଦ କରିବାର ନିଷ୍ପତ୍ତି ନେଇଛି । ଆସନ୍ତା ୨୭ତାରିଖ ଠାରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବ । ତେବେ ମେଡ଼ିକାଲ ଭିସାରେ ଭାରତକୁ ଚିକିତ୍ସା ଲାଗି ଆସିଥିବା ପାକିସ୍ତାନୀ ନାଗରିକଙ୍କ ଲାଗି ସେମାନଙ୍କ ଭିସାର କାର୍ଯ୍ୟକାଳ ଚଳିତମାସ ୨୯ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି । ଏଥିସହ ପାକିସ୍ତାନ ନାଗରିକମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ସୁଦ୍ଧା ଭାରତ ଛାଡିଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ଯେଉଁ ଭାରତୀୟମାନେ ବର୍ତ୍ତମାନ ପାକିସ୍ତାନ ଗସ୍ତରେ ଅଛନ୍ତି ତୁରନ୍ତ ସ୍ୱଦେଶ

ପ୍ରତ୍ୟାବର୍ତ୍ତନ କରିବା ସହିତ ପାକିସ୍ତାନକୁ ବର୍ତ୍ତମାନ ଗସ୍ତ ନକରିବା ଲାଗି ଭାରତୀୟ ନାଗରିକଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଆର୍ମୀଚିଫ୍ - ଜେକେ ଭିଜିଟ୍

ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପହଲଗାଓଁ ସନ୍ତ୍ରାସବାଦ ଆକ୍ରମଣ ପରିପ୍ରେକ୍ଷୀରେ ଆସନ୍ତାକାଲି ଜାମ୍ମୁକାଶ୍ମୀର ଗସ୍ତ କରିବେ । ସ୍ଥଳସେନାଧ୍ୟକ୍ଷ ସଂପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବେ । ଏହି ଆକ୍ରମଣ ପରେ ସେନାପକ୍ଷରୁ ଉପତ୍ୟକାରେ ଏବଂ ନିୟନ୍ତ୍ରଣ ରେଖା ନିକଟରେ ନିଆଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସ୍ଥାନୀୟ ଉଚ୍ଚ ସେନା ଅଧିକାରୀମାନେ ସେନାଧ୍ୟକ୍ଷ ଜେନେରାଲ ଦ୍ୱିବେଦୀଙ୍କୁ ଅବଗତ କରାଇବେ ବୋଲି ଜଣାପଡିଛି ।

## ପଞ୍ଜାବ-ଅଟାରୀ ଗେଟ୍ସ କ୍ଲୋଜ୍ଡ

ପହଲଗାଓଁ ସନ୍ତ୍ରାସବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ' ପାକିସ୍ତାନ ବିରୁଦ୍ଧରେ ନେଇଥିବା କାର୍ଯ୍ୟାନୁଷ୍ଠାନର ଫଳସ୍ୱରୂପ ୱାଘା-ଅଟାରୀ ସୀମା ଫାଟକକୁ ବନ୍ଦ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି

ନେଇଛନ୍ତି । ଏଥିଲାଗି ଅମ୍ରିତସରର ଅଟାରୀ, ଫିରୋଜପୁରର ହୁସେନିୱାଲା ଏବଂ ପଞ୍ଜାବର ଫାଜିଲ୍‌କାଠାରେ ରିଟ୍ରିଟ ସେରିମନି ଅବସରରେ ପ୍ରୋଟୋକଲ ଅନୁଯାୟୀ ହେବାକୁଥିବା ଅନେକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ଏହି ସମୟରେ ପ୍ରୋଟୋକଲ ଅନୁଯାୟୀ ସୂର୍ଯ୍ୟାସ୍ତ ପରେ ଭାରତୀୟ ଜାତୀୟ ପତାକାକୁ ତଳକୁ ଅଣାଯିବା ସମୟରେ ଉଭୟପକ୍ଷ ମଧ୍ୟରେ କରମର୍ଦ୍ଦନ କରାଯିବ ନାହିଁ । ଇତିମଧ୍ୟରେ ଅଟାରୀ-ୱାଘା ଯୁଗ୍ମ ଚେକ୍ ପୋଷ୍ଟଠାରେ ଆଜି ହେବାକୁଥିବା ରିଟ୍ରିଟ ସେରିମନିକୁ ଦେଖିବାକୁ ଯାଇଥିବା ଶହଶହ ପର୍ଯ୍ୟଟକ ଏହି ସନ୍ତ୍ରାସବାଦ ଆକ୍ରମଣରେ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

## ପିଏମ୍ ଇଣ୍ଡିଆ ଷ୍ଟିଲ୍

୨୦୩୦ ମସିହା ସୁଦ୍ଧା ଦେଶରେ ଇସ୍ପାତ ଉତ୍ପାଦନ ୩୦୦ ମିଲିୟନ ଟନ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ମୁମ୍ବାଇଠାରେ ଅନୁଷ୍ଠିତ ସପ୍ତମ ଆନ୍ତର୍ଜାତିକ ଇସ୍ପାତ ପ୍ରଦର୍ଶନୀ ଓ ସମ୍ମିଳନୀ - ‘ଇଣ୍ଡିଆ ଷ୍ଟିଲ୍’କୁ ଭର୍ଚୁଆଲ ମାଧ୍ୟମରେ

ସମ୍ବୋଧିତ କରି ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଜାତୀୟ ଇସ୍ପାତ ନୀତି ଅଧୀନରେ ସରକାର ଦେଶର ସାମଗ୍ରିକ ବିକାଶ ଲାଗି ଏଭଳି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଭାରତର ଇସ୍ପାତ ଶିଳ୍ପ ଏକ ନୂତନ ବିଶ୍ୱାସର ସହ ଭବିଷ୍ୟତ ଆଡକୁ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ବର୍ତ୍ତମାନ ଦେଶରେ ମୁଣ୍ଡପିଛା ଇସ୍ପାତ ବ୍ୟବହାର ୯୮କିଲୋଗ୍ରାମ ହୋଇଥିବାବେଳେ ୨୦୩୦ ସୁଦ୍ଧା ଏହାକୁ ୧୬୦ କିଲୋଗ୍ରାମକୁ ବୃଦ୍ଧି କରାଯିବ । ପିଏମ୍ ଗତିଶକ୍ତି - ଜାତୀୟ ମାଷ୍ଟର ଯୋଜନା ଅଧୀନରେ ନିଆଯାଉଥିବା ବିଭିନ୍ନ ରୂପାନ୍ତରୀକରଣ ପଦକ୍ଷେପ ଯୋଗୁଁ ଏଭଳି ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O- (PM-MODI-ON-STEEL-INDUSTRY)**

## ପୋପ୍-ଷ୍ଟେଟ୍ ମୌରିଙ୍ଗ

ପୋପ୍ ଫ୍ରାନ୍ସିସ୍‌ଙ୍କର ଆସନ୍ତା ୨୬ ତାରିଖ ଦିନ ଶେଷକୃତ୍ୟ ସମ୍ପନ୍ନ କରାଯିବ । ସେହିଦିନ ଭାରତରେ ରାଷ୍ଟ୍ରୀୟ ଶୋକ ପାଳନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି । ମନ୍ତ୍ରଣାଳୟ କହିଛି ଆସନ୍ତା ୨୬ ତାରିଖ ଦିନ ଦେଶବ୍ୟାପୀ ଯେଉଁଠାରେ ନିୟମିତ ଭାବେ ଜାତୀୟ ପତାକା ଲାଗିଥାଏ ସେଠାରେ

ଅର୍ଦ୍ଧନମିତ କରାଯିବ । ଏତଦ୍‌ବ୍ୟତୀତ ସେଦିନ କୌଣସି ସରକାରୀ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବନାହିଁ ବୋଲି ମନ୍ତ୍ରଣାଳୟ କହିଛି । ପୂର୍ବରୁ ପୋପ୍ ଫ୍ରାନ୍ସିସ୍‌ଙ୍କର ଦେହାନ୍ତାରେ ସମ୍ମାନ ପ୍ରଦର୍ଶନ ସ୍ୱରୂପ କେନ୍ଦ୍ର ସରକାର ଦେଶବ୍ୟାପୀ ତିନିଦିନିଆ ଶୋକ ପାଳନ ଲାଗି ଘୋଷଣା କରିଥିଲେ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛିସମୟ ପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ମୁକାବିଲା ହେବ । ବେଙ୍ଗାଲୁରୁସ୍ଥିତ ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସଂଧ୍ୟା ୭ଟା ୩୦ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ମିଳିଥିବା ସୂଚନା ଅନୁଯାୟୀ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୭ ଓ୍ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିଲା ।